**GOVERNMENT OF ORISSA**

ଓଡ଼ିଶା ସରକାର

# THE GANJAM AND BOUDH (VILLAGE OFFICES ABOLITION) ACT, 1969

## ORISSA ACT 1 OF 1970

# ଗଞ୍ଜାମ ଓ ବୌଦ୍ଧ ( ଗ୍ରାମପଦ ଉଚ୍ଛେଦ ) ଅଧିନିୟମ, ୧୯୬୯

## ୧୯୭୦ର ଓଡ଼ିଶା ଅଧିନିୟମ ୧

**LAW DEPARTMENT**

ଆଇନ ବିଭାଗ

[ *Price Re. 1.00* ]

# ଗଞ୍ଜାମ ଓ ବୌଦ୍ଧ (ଗ୍ରାମପଦ ଉଚ୍ଛେଦ) ଅଧିନିୟମ, ୧୯୭୪

## ସୂଚୀ ପତ୍ର


ପ୍ରସ୍ତାବନା

ଧାରାବଳୀ

୧ । ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

୨ । ସଂଜ୍ଞା ।

୩ । ଗ୍ରାମପଦର ଉଚ୍ଛେଦ ଓ ତାହାର ପରିଣାମ ।

୪ । କୌଣସି ବ୍ୟକ୍ତି ଗ୍ରାମପଦ ଧାରଣ କରିଛନ୍ତି କି ନାହିଁ ତାହା କଲେକ୍ଟର ବିନିଶ୍ଚୟ କରିବେ ।

୫ । ଭୂ-ବନ୍ଦୋବସ୍ତ ।

୬ । ରାଜ୍ୟ ସେବାରେ କେତେକ ଗ୍ରାମ ଅଧିକାରୀଙ୍କ ନିଯୁକ୍ତି, ତଥା ଆଶ୍ୱାସିତ ବେତନର ପ୍ରଦାନ ।

୭ । ଅଭିଲେଖ ଦାଖଲ କରିବା ଓ ଭୂମିର ଦଖଲକୁ ଫେରସ୍ତ କରିବା ।

୮ । ଉଚ୍ଛେଦ ଯଦି ଅର୍ଜନ ବୋଲି ବୁଝାଯାଏ ତାହାହେଲେ ପ୍ରଶ୍ନର ସମାଧାନ ।

୯ । ବନ୍ଦୋବସ୍ତପାଇଁ ପ୍ରିମିୟମ୍ ପଡ଼ିବ ନାହିଁ ।

୧୦ । କାର୍ଯ୍ୟବାହୀରେ ଅନୁସରଣୀୟ କାର୍ଯ୍ୟବିଧି ।

୧୧ । ଅପିଲ ।

୧୨ । ଆଦେଶଗୁଡ଼ିକର ଚୂଡ଼ାନ୍ତତା ।

୧୩ । ପରିସୀମା ଅଧିନିୟମ, ୧୯୬୩ର ପ୍ରୟୋଗ ।

୧୪ । ଦେୱାନୀ ନ୍ୟାୟାଳୟର କେତେକ କ୍ଷମତା, କେଉଁ କେଉଁ ପ୍ରାଧିକାରୀ ପ୍ରୟୋଗ କରିପାରିବେ ।

୧୫ । ନିୟମ ପ୍ରଣୟନ କ୍ଷମତା ।

# ଗଞ୍ଜାମ ଓ ବୌଦ (ଗ୍ରାମପଦ ଉଚ୍ଛେଦ) ଅଧିନିୟମ, ୧୯୬୯

### ୧୯୭୦ର ଓଡ଼ିଶା ଅଧିନିୟମ ୧

ଓଡ଼ିଶା ରାଜ୍ୟରେ କେତେକ ଗ୍ରାମପଦକୁ ଉଚ୍ଛେଦ କରିବାକୁ ଏକ ଅଧିନିୟମ ।

ଯେହେତୁ ଓଡ଼ିଶା ରାଜ୍ୟର ଗଞ୍ଜାମ ଓ ବୌଦ ଜିଲ୍ଲାରେ କେତେକ ଗ୍ରାମପଦକୁ ଉଚ୍ଛେଦ କରିବା ତଥା ସେଗୁଡ଼ିକର ଆନୁସଙ୍ଗିକ ବିଷୟଗୁଡ଼ିକୁ ଏହାପରେ ଉଲ୍ଲିଖିତ ରୀତିରେ ଉପବନ୍ଧିତ କରିବା ଲୋକହିତ ଦୃଷ୍ଟିରୁ ସମୀଚୀନ ଅଟେ ;

ଅତଏବ ଭାରତ ଗଣ ରାଜ୍ୟର ବିଂଶତିତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଏହା ଅଧିନିୟମିତ ହେଲା :—

**ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।**

୧ । (୧) ଏହି ଅଧିନିୟମଟି ଗଞ୍ଜାମ ଓ ବୌଦ (ଗ୍ରାମପଦ ଉଚ୍ଛେଦ) ଅଧିନିୟମ, ୧୯୬୯ ନାମରେ ଅଭିହିତ ହେବ ।

(୨) ଏହା, ଓଡ଼ିଶା ରାଜ୍ୟର ଗଞ୍ଜାମ ମାଳ ଅଞ୍ଚଳ ଓ ବୌଦ ଜିଲ୍ଲାର ବାଲିଗୁଡ଼ା ସବ୍‌ଡିଭିଜନ ପ୍ରତି ବିସ୍ତୃତ ଅଟେ ।

(୩) ରାଜ୍ୟ ସରକାର, ତଦୁପଲକ୍ଷେ ଅଧିସୂଚନା ଦ୍ୱାରା ଯେପରି ନିୟତ କରିପାରିବେ ସେପରି ଦିନଠାରୁ ଏହା ପ୍ରବୃତ୍ତ ହେବ ।

**ସଂଜ୍ଞା**

୨ । ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନଥିଲେ ଏହି ଅଧିନିୟମରେ—

(କ) କୌଣସି ଗ୍ରାମପଦ ସଂକ୍ରାନ୍ତରେ "ନିୟତ ଦିନ" ଧାରା ୩ର ଉପଧାରା (୧) ଅଧୀନ ଏକ ଅଧିସୂଚନା ଦ୍ୱାରା ସେଭଳି ପଦ ସମ୍ପର୍କରେ ନିୟତ ଦିନକୁ ବୁଝାଏ ;

(ଖ) "କଲେକ୍ଟର" ଅଭିବ୍ୟକ୍ତିଟି, ଏହି ଅଧିନିୟମ ଅଧୀନରେ ଜଣେ କଲେକ୍ଟରଙ୍କର ସମସ୍ତ ବା ଯେ କୌଣସି କୃତ୍ୟ ସମ୍ପାଦନ କରିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ପାହ୍ୟାରୁ ଊଣା ହୋଇନଥିବା ପାହ୍ୟାର ଯେକୌଣସି ଅଧିକାରୀଙ୍କୁ ଅନ୍ତର୍ଭୁକ୍ତ କରେ ;

(ଗ) କୌଣସି ଗ୍ରାମପଦ ସଂକ୍ରାନ୍ତରେ "ଉପଲବ୍ଧି" କହିଲେ ସେଭଳି ପଦର କର୍ତ୍ତବ୍ୟ ସମ୍ପାଦନ ଲାଗି ପାରିଶ୍ରମିକ ବଦଳରେ ବେତନ, ନଗଦ ପ୍ରଦାନ, କମିଶନ୍, ସଞ୍ଜା ବା ଶିସ୍ତ ମାମୁଲ ଧାରଣ କରାଯାଇଥିବା ଭୂମିର ବ୍ୟବହାର ବା ଭୋଗ ଓ ସେଭଳି ପଦ ସହ ସମ୍ପର୍କିତ ବା ସଂଲଗ୍ନ ସବୁ ପ୍ରକାରର ବିଶେଷାଧିକାର ଓ ଇତର ବ୍ୟବହାର ବା ଭୋଗକୁ ବୁଝାଏ ଏବଂ ସେଭଳି ପଦର ଆନୁସଙ୍ଗିକଭାବେ ସ୍ୱୀକୃତ ସମୟରେ ହେଉ ଅଥବା ଅନ୍ୟଥା ହେଉ, ନଗଦ ବା ଜିନିଷ ଆକାରରେ ଫିସ୍ ବା ପାରିଲବ୍ଧିପାଇଁ ଅଧିକାରକୁ ଅନ୍ତର୍ଭୁକ୍ତ କରେ ;

(ଘ) "ବିହିତ" ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତକୁ ବୁଝାଏ ;

(ଙ) "ଗ୍ରାମପଦ" ଅନୁସୂଚୀରେ ବର୍ଣ୍ଣିତ ଯାଇଥିବା ପଦକୁ ବୁଝାଏ ।

**ଗ୍ରାମପଦର ଉଚ୍ଛେଦ ଓ ତାହାର ପରିଣାମ ।**

୩ । (୧) ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା, ତହିଁରେ ବିନିର୍ଦ୍ଦିଷ୍ଟ ଗ୍ରାମପଦ ଗୁଡ଼ିକ ତଦଧୀନରେ ଯେପରି ନିୟତ ହୋଇପାରେ ସେପରି ଦିନଠାରୁ ଉଚ୍ଛେଦ ହେଲା ବୋଲି ସମସ୍ତଙ୍କୁ ସମୟ ଘୋଷଣା କରିପାରିବେ ।

---

* ଓଡ଼ିଶା ଗେଜେଟ ଅସାଧାରଣ ସଂଖ୍ୟା ୬୨୫ରେ ଜୁନ୍ ୩, ୧୯୭୦ରେ ପ୍ରକାଶିତ ହେବାମତେ ଜୁନ୍ ୧, ୧୯୭୦ଠାରୁ ଗଞ୍ଜାମ ମାଳଅଞ୍ଚଳ ପ୍ରତି ଏବଂ ବୌଦ ଜିଲ୍ଲାର ବାଲିଗୁଡ଼ା ସବ୍‌ଡିଭିଜନ ପ୍ରତି ପ୍ରବୃତ୍ତ ହେବ ।

(୨) ଯେ କୌଣସି ବିଧି, ପରମ୍ପରା, ବନ୍ଦୋବସ୍ତ, ଗ୍ରାଣ୍ଟ, ସନନ୍ଦ ବା ଆଦେଶରେ କିମ୍ବା ଏକ ନ୍ୟାୟାଳୟର କୌଣସି ନିର୍ଣ୍ଣୟ, ଡିକ୍ରୀ ବା ଆଦେଶରେ ଯେ କୌଣସି ବିଷୟ ଥିବା ସତ୍ତ୍ୱେ, ନିଯୁକ୍ତ ଦିନରେ ଓ ଠାରୁ—

(କ) ସେଭଳି ପଦ ସମ୍ପର୍କିତ ସେବାଧୃତିର ସମସ୍ତ ଆନୁଷଙ୍ଗିକ ବିଷୟ ଲୋପ ପାଇଲା ବୋଲି ବିବେଚିତ ହେବ ;

(ଖ) ସମସ୍ତ ବନ୍ଦୋବସ୍ତ, ସନନ୍ଦ, ଓ ଯେଉଁସବୁ ଗ୍ରାଣ୍ଟ ଅନୁସାରେ ନିଯୁକ୍ତ ଦିନର ଅବ୍ୟବହିତ ପୂର୍ବରୁ ସେଭଳି ଧୃତି-ସବୁକୁ ଧାରଣ କରାଯାଉଥିଲା, ସେହି ଗ୍ରାଣ୍ଟ ରଦ୍ଦ ହେଲା ବୋଲି ବିବେଚିତ ହେବ ;

(ଗ) ସେଭଳି ପଦ ଧାରଣ କରୁଥିବା ବ୍ୟକ୍ତିମାନଙ୍କର ଯେ କୌଣସି ଉପଲବ୍ଧିକୁ ଗ୍ରହଣ କରିବାଲାଗି ଥିବା ଅଧିକାର ପର୍ଯ୍ୟବସିତ ହେଲା ବୋଲି ବିବେଚିତ ହେବ ;

(ଘ) ପଦଧାରଣ କରିବାର ସମସ୍ତ ଅଧିକାର ଏବଂ ସେଭଳି ପଦର ଅନୁଲଗ୍ନ ସେବା ଦାନ କରିବା କୌଣସି ଦାୟିତ୍ୱ ଲୋପ ପାଇଯିବ ;

(ଙ) ସେଭଳି ପଦ ସଂକ୍ରାନ୍ତରେ ଉପଲବ୍ଧି ଭାବେ ଧାରଣ କରାଯାଉଥିବା ସମସ୍ତ ଭୂମି ପୁନର୍ଗୃହୀତ ହେବ ଏବଂ ସମସ୍ତ ଋଣଭାରରୁ ମୁକ୍ତ ରାଜ୍ୟ ସରକାରଙ୍କଠାରେ ନ୍ୟସ୍ତ ହେବ ; ଏବଂ

(ଚ) ସେଭଳି ପଦଧାରଣ କରୁଥିବା ବ୍ୟକ୍ତିମାନେ, ନିଜର ପଦ ବଳରେ ବା ତାହାର ଆନୁଷଙ୍ଗିକ ଭାବେ ନହୋଇ ଅନ୍ୟଥା ଯେଉଁ ଅନ୍ୟ ସବୁ ଭୂମି ଧାରଣକରି ପାରିନଥାନ୍ତେ ସେହି ସବୁ ଭୂମିକୁ ଧାରଣ କରିବା ଅଧିକାର ତାଙ୍କର ଆଉ ରହିବ ନାହିଁ ।

କୌଣସି ବ୍ୟକ୍ତି ଗ୍ରାମପଦ ଧାରଣ କରୁଛନ୍ତି କି ନାହିଁ ତାହା କଲେକ୍ଟର ବିନିଶ୍ଚୟ କରିବେ ।

୪ । (୧) ଯଦି କୌଣସି ପ୍ରଶ୍ନ ଉଠେ ଯେ କୌଣସି ବ୍ୟକ୍ତି ନିଯୁକ୍ତ ଦିନର ଅବ୍ୟବହିତ ପୂର୍ବରୁ କୌଣସି ଗ୍ରାମପଦ ଧାରଣ କରୁଥିଲେ କି ନାହିଁ ତାହାହେଲେ କଲେକ୍ଟର କ୍ଷୁବ୍ଧ ବ୍ୟକ୍ତିଙ୍କୁ ଶୁଣାଣିପାଇଁ ଏକ ସୁଯୋଗ ଦେଇ ଓ ଏକ ତଦନ୍ତ କରିବାପରେ ପ୍ରଶ୍ନଟିକୁ ବିନିଶ୍ଚୟ କରିବେ ।

(୨) ଉପଧାରା (୧) ଅଧୀନରେ କଲେକ୍ଟରଙ୍କ ବିନିଶ୍ଚୟ ଦ୍ୱାରା କ୍ଷୁବ୍ଧ କୌଣସି ବ୍ୟକ୍ତି, ସେଭଳି ବିନିଶ୍ଚୟର ତିରିଶ ଦିନ ମଧ୍ୟରେ ରାଜସ୍ୱ ବୋର୍ଡକୁ ଏକ ଅପିଲ କରି ପାରିବେ ।

ଭୂ-ବନ୍ଦୋବସ୍ତ

୫ । ଏହି ଅଧିନିୟମର ଉପବନ୍ଧ ଅଧୀନରେ ପୁନର୍ଗୃହୀତ ସମସ୍ତ ଭୂମି, ଗ୍ରାମ ପଦକୁ ଧାରଣ କରୁଥିବା ବ୍ୟକ୍ତିଙ୍କ ଠାରେ ଅଥବା ତାଙ୍କର ଓ ଅନ୍ୟ ଯେଉଁ ବ୍ୟକ୍ତିମାନେ, ଯଦି କେହି ଥାନ୍ତି, ସେମାନଙ୍କ ସହ ଅଂଶୀଦାର ଭାବେ କିମ୍ବା ତାହାଙ୍କ ଅଧୀନରେ ବା ସେଭଳି ସହ-ଅଂଶୀଦାରଙ୍କ ଅଧୀନରେ ଅଭିଧାରୀ ଭାବେ ତାହାକୁ ଭୋଗ କରୁଥିବେ ସେମାନଙ୍କଠାରେ, ସେଭଳି ପ୍ରତ୍ୟେକ ବ୍ୟକ୍ତି ଭୂମିର ବା ତାହାର କୌଣସି ଭାଗର ସ୍ୱତନ୍ତ୍ର ଓ ବାସ୍ତବ ବା କୃଷିଗତ ଦଖଲରେ ଯେତେ ପର୍ଯ୍ୟନ୍ତ ଥିବେ ସେତେ ପର୍ଯ୍ୟନ୍ତ ଏକ ଯଥାର୍ଥ ଓ ନ୍ୟାୟୋଚିତ ଖଜଣାରେ ଉକ୍ତ ଭୂମିର ଦଖଲ ଭୋଗାଧିକାର ସହିତ ବନ୍ଦୋବସ୍ତ ହେବ ।

ରାଜ୍ୟ ସେବାରେ କେତେକ ଗ୍ରାମ ଅଧିକାରୀଙ୍କ ନିଯୁକ୍ତି, ତଥା, ଆଶ୍ୱସିତ ଦେୟ ପ୍ରଦାନ ।

୬ । ପଦର ଉଚ୍ଛେଦ ପରେ, ଯଦି ଗ୍ରାମ ଅଧିକାରୀଙ୍କ ଠାରେ ବନ୍ଦୋବସ୍ତ କରାଯିବାକୁ କୌଣସି ଭୂମି ନଥାଏ ତାହାହେଲେ ସେବାର ପ୍ରତ୍ୟେକ ପୂର୍ଣ୍ଣ ବର୍ଷ ପାଇଁ ପଚିଶ ଟଙ୍କା ସହ ସମାନ ଏକ ମୋଟ ଧନରାଶିର ଗ୍ରାଣ୍ଟ ତାହାକୁ ଆଶ୍ୱସିତ ଦେୟ ଆକାରରେ ଦିଆଯିବ :

ପରନ୍ତୁ ଯଦି ସେଭଳି ଅଧିକାରୀ ନିଜ ଦରଖାସ୍ତ ଫଳରେ, ଯେପରି ବିହିତ ହୋଇପାରେ ସେପରି ନିୟମାବଳୀ ଅନୁସାରେ ରାଜ୍ୟ ସରକାର ଅଧୀନରେ କୌଣସି ଉପଯୁକ୍ତ ଚାକିରିରେ ନିଯୁକ୍ତ ଦିନ ଠାରୁ ଛଅ ମାସର ଏକ କାଳାବଧି ସରିବା ପୂର୍ବରୁ ନିଯୁକ୍ତ ହୋଇଥାନ୍ତି ତାହାହେଲେ, ସେଭଳି ଆଶ୍ୱସିତ ଦେୟ, ଦେୟ ହେବ ନାହିଁ ।

ଅଭିଲେଖ ଦାଖଲ କରିବା ଓ ଭୂମିର ଦଖଲକୁ ଫେରସ୍ତ କରିବା ।

୭ । (୧) ଏକ ଗ୍ରାମ ପଦକୁ ଧାରଣ କରୁଥିବା ବ୍ୟକ୍ତି ବିହିତ ରୀତିରେ,—

(କ) ନିଜର ପଦ ସଂକ୍ରାନ୍ତରେ ନିଜ ଦ୍ୱାରା ଧାରଣ କରା ଯାଉଥିବା ଭୂମି ବା ଗ୍ରାମ ସମ୍ବନ୍ଧରେ ନିଯୁକ୍ତ ଦିନ ପୂର୍ବରୁ ନିଜ ଦ୍ୱାରା ବ୍ୟବହାର କରାଯାଇ ଥିବା ସମସ୍ତ ଅଭିଲେଖ ପରିଦାନ କରିବା ; ଓ

(ଖ) ତାହାଙ୍କ ଦ୍ୱାରା ଏବଂ ତାହାଙ୍କୁ ଦେୟ ବକେୟା ଗୁଡ଼ିକ ସମ୍ପର୍କରେ ନିଜ ପଦର ଅନୁଲଗ୍ନ ସମସ୍ତ ହିସାବ ଦାଖଲ କରିବା ; କର୍ତ୍ତବ୍ୟ ହେବ,

୨ । ଯେଉଁ ବ୍ୟକ୍ତି, ଉପଧାରା (୧) ର କୌଣସି ଖଣ୍ଡର ଉପବନ୍ଧକୁ ଏହି ଉପଲକ୍ଷେ ଏକ ସୂଚନା ଜାରି ହେବାର ତିରିଶି ଦିନ ମଧ୍ୟରେ ଅଥବା କଲେକ୍ଟରଙ୍କ ଯେପରି ଅନୁମତି ଦେଇ ପାରିବେ ସେପରି ଅଧିକା କାଳାବଧି ମଧ୍ୟରେ ପାଳନ କରିବାରେ ଅସଫଳ ହୁଅନ୍ତି ସେ, ଦୋଷସିଦ୍ଧ ହୋଇ, ଦୁଇ ଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଏବଂ ଅସଫଳତା ନିରବଚ୍ଛିନ୍ନ ରହିଲେ, ସେଭଳି ପ୍ରଥମ ଅସଫଳତା ପାଇଁ ହୋଇଥିବା ଦୋଷସିଦ୍ଧି ଉତ୍ତାରୁ ଯେତେଦିନ ପର୍ଯ୍ୟନ୍ତ ସେହି ଅସଫଳତା ଲାଗି ରହିଥାଏ ସେହି ପ୍ରତ୍ୟେକ ଦିନ ଲାଗି ଦଶଟଙ୍କା ପର୍ଯ୍ୟନ୍ତ ଏକ ଅତିରିକ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

୩ । ଉପ ଧାରା (୧) ର ଖଣ୍ଡ (କ) ରେ ନିର୍ଦ୍ଦିଷ୍ଟ ଅଭିଲେଖ ଅସୁଲ କରିବା ଉପଲକ୍ଷେ କଲେକ୍ଟର ଏକ ତଲାସି ୱାରେଣ୍ଟ ବାହାର କରି ପାରିବେ ଏବଂ ସେହି ସଂପର୍କରେ ଦଣ୍ଡ ପ୍ରକ୍ରିୟା ସଂହିତା, ୧୮୯୮ର ଅଧ୍ୟାୟ ୭ ଅଧୀନରେ ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଯେଉଁସବୁ କ୍ଷମତା ବିଧିପୂର୍ବକ ଭାବେ ପ୍ରୟୋଗ କରା ହୋଇ ପାରିବ ସେହି ସବୁ କ୍ଷମତା ପ୍ରୟୋଗ କରି ପାରିବେ ।

ଉଚ୍ଛେଦ ଯଦି ଅର୍ଜନ ବୋଲି ବୁଝାଯାଏ ତାହାହେଲେ ପ୍ରଶ୍ନର ସମାଧାନ ।

୮ । (୧) ରାଜ୍ୟ ଦ୍ୱାରା ସଂପତ୍ତି ଅର୍ଜନ ଲାଗି ଏହି ଅଧିନିୟମ ଉପବନ୍ଧିତ କରୁଛି ବୋଲି ଯଦି କୌଣସି ବ୍ୟକ୍ତି ଏହି ଅଧିନିୟମର ଉପବନ୍ଧ ଗୁଡ଼ିକ ଦ୍ୱାରା ବ୍ୟଥିତ ହୁଅନ୍ତି ତାହାହେଲେ ସେ, ପ୍ରଶ୍ନଟିର ଅବଧାରଣ ଏବଂ ସେଥି ସମ୍ପର୍କରେ ଯଦି କିଛି କ୍ଷତିପୂର୍ତ୍ତି ଦେୟଥାଏ ତେବେ ସେଥିଲାଗି କଲେକ୍ଟରଙ୍କଠାରେ ନିୟତ ଦିନର ତିନି ମାସ ମଧ୍ୟରେ ଆବେଦନ କରିପାରିବେ ।

(୨) କଲେକ୍ଟର ଏକ ତଦନ୍ତ କରିସାରିବା ପରେ ଏବଂ ହିତବଦ୍ଧ ସମସ୍ତ ପକ୍ଷମାନଙ୍କୁ ଶୁଣାଣିର ଏକ ସୁଯୋଗ ଦେବା ପରେ ଯେପରି ଦେୟ ହୋଇପାରେ ସେଭଳି କ୍ଷତିପୂର୍ତ୍ତି, ଯଦି କିଛି ଥାଏ, ପ୍ରତି ଅଧିକାର ତଥା ତାର ପରିମାଣ ଅବଧାରଣ କରିବେ, ଯେଉଁ ପରିମାଣ ଭୂମି ଅର୍ଜନ ଅଧିନିୟମ, ୧୮୯୪ର ଧାରା ୨୩ ଓ ଧାରା ୨୪ର ଉପଧାରା (୧)ର ଉପବନ୍ଧର ଅନୁସାରେ ହେବ :

ପରନ୍ତୁ କ୍ଷତିପୂର୍ତ୍ତି ଅବଧାରଣ କରିବା ବେଳେ କଲେକ୍ଟର ଧାରା ୫ ଅନୁସାରେ, ଯଦି କୌଣସି ଭୂମି ଥାଏ ତେବେ ତାହାର, ବନ୍ଦୋବସ୍ତର ଫଳ ସ୍ୱରୂପ ସେଭଳି ବ୍ୟକ୍ତିଙ୍କ ଦ୍ୱାରା ଅର୍ଜିତ ହିତର ମୂଲ୍ୟ ହିସାବକୁ ନେବେ ।

(୩) ଗ୍ରାମ ପଦକୁ ଧାରଣ କରୁଥିବା ବ୍ୟକ୍ତିଙ୍କ ଭିନ୍ନ ଅନ୍ୟ କୌଣସି ବ୍ୟକ୍ତିଙ୍କଠାରେ ଧାରା ୫ ଅଧୀନରେ ବନ୍ଦୋବସ୍ତ କରାଯାଇଥିବା କୌଣସି ଭୂମି ସମ୍ପର୍କରେ କ୍ଷତିପୂର୍ତ୍ତି ଆକାରରେ ଦିଆଯାଇଥିବା ଯେ କୌଣସି ପରିମାଣ, ରାଜ୍ୟ ସରକାରଙ୍କ ଦ୍ୱାରା ସେଭଳି ବ୍ୟକ୍ତିଙ୍କଠାରୁ ଅସୁଲ କରାଯିବ ଏବଂ ସେଭଳି ସମସ୍ତ ପରିମାଣ ବକେୟା ଭୂ-ରାଜସ୍ୱ ଭାବେ ଅସୁଲ କରାଯିବ

(୪) ଉପଧାରା (୨) ଅଧୀନରେ କଲେକ୍ଟରଙ୍କର ବିନିଶ୍ଚୟ ଦ୍ୱାରା ବ୍ୟଥିତ ଯେ କୌଣସି ବ୍ୟକ୍ତି, ସେଭଳି ବିନିଶ୍ଚୟ ହେବାର ତିରିଶ ଦିନ ମଧ୍ୟରେ ରାଜସ୍ୱ ବୋର୍ଡଠାରେ ଅପିଲ କରିପାରିବେ ।

ବନ୍ଦୋବସ୍ତ ପାଇଁ ପ୍ରିମିୟମ ପଡ଼ିବ ନାହିଁ ।

୯ । ଧାରା ୫ର ଉପବନ୍ଧ ଗୁଡ଼ିକୁ ପ୍ରଭାବୀ କରାଇବା ବେଳେ, ଭୂମିର ବନ୍ଦୋବସ୍ତପାଇଁ କୌଣସି ପ୍ରିମିୟମ୍ ଭରିତ ହେବ ନାହିଁ, ଏବଂ ନିର୍ଦ୍ଧାରିତ ହୋଇଥିବା ଓ ନିୟତ ଦିନର ଅବ୍ୟବହିତ ପୂର୍ବରୁ ପ୍ରବୃତ୍ତଥିବା ଖଜଣା, ଯଦି କିଛି ଥାଏ, ବିପରୀତରେ କୌଣସି ପ୍ରମାଣ ନଥିଲେ, ଯଥାର୍ଥ ଓ ନ୍ୟାୟୋଚିତ ଖଜଣା ରୂପେ ବିବେଚିତ ହେବ ।

କାର୍ଯ୍ୟବାହୀରେ ଅନୁସରଣୀୟ କାର୍ଯ୍ୟବିଧି ।

୧୦ । ଧାରା ୫ ଅଧୀନ ବିଷୟ ଗୁଡ଼ିକର ପ୍ରାରମ୍ଭିକ, ଆନୁଷଙ୍ଗିକ ଓ ସଂଲଗ୍ନ ବିଷୟ ଗୁଡ଼ିକ ସମେତ, ଧାରା ୫ ଅଧୀନ ବିଷୟ ଗୁଡ଼ିକ ସମ୍ପର୍କିତ କାର୍ଯ୍ୟବାହୀ ଗୁଡ଼ିକ କେଉଁ ସମୟ ମଧ୍ୟରେ, କେଉଁ ପ୍ରାଧିକାରୀଙ୍କ ଦ୍ୱାରା ଏବଂ କେଉଁ ରୀତିରେ ଆରମ୍ଭ ହେବ, ଶୁଣାଣି ହେବ ଓ ଫଇସଲ ହେବ ତାହା, ରାଜ୍ୟସରକାର, ଏକେତ ସାଧାରଣ ଭାବେ ବା ଯେ କୌଣସି ବିଶିଷ୍ଟ କ୍ଷେତ୍ର ସମ୍ପର୍କରେ, ସେହି ଉପଲକ୍ଷେ ପ୍ରଣୀତ ନିୟମାବଳୀ ଦ୍ୱାରା ନିର୍ଦ୍ଦିଷ୍ଟ କରି ପାରିବେ ।

ଅପିଲ

୧୧ । (୧) ଏହି ଅଧିନିୟମରେ ଅନ୍ୟଥା ସ୍ପଷ୍ଟ ଭାବେ ଉପବନ୍ଧିତ ହୋଇଥିବା ଭିନ୍ନ ଅନ୍ୟଥା, ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅଧୀନରେ ଦିଆଯାଇଥିବା କୌଣସି ଆଦେଶ ଦ୍ୱାରା ବ୍ୟଥିତ ଯେ କୌଣସି ବ୍ୟକ୍ତି, ଆଦେଶଟି ହେବାର ତିରିଶ ଦିନ ମଧ୍ୟରେ କଲେକ୍ଟରଙ୍କ ସମକ୍ଷରେ, ଏବଂ ଯଦି ମୂଳ ଆଦେଶଟି କଲେକ୍ଟରଙ୍କ ଦ୍ୱାରା ଦିଆଯାଇଥାଏ ତେବେ ରାଜସ୍ୱ ବୋର୍ଡ ସମକ୍ଷରେ ଅପିଲ କରି ପାରିବେ ।

(୨) ରାଜସ୍ୱ ବୋର୍ଡ଼ ସମକ୍ଷରେ ହୋଇଥିବା ଏକ ଅପିଲ ଭିନ୍ନ ଅନ୍ୟ ଅପିଲରେ ଦିଆ ହୋଇଥିବା ଏକ ଆଦେଶ ଦ୍ୱାରା ବ୍ୟଥିତ କୌଣସି ବ୍ୟକ୍ତି, ଆଦେଶଟି ହେବାର ତିରିଶ ଦିନ ମଧ୍ୟରେ, ଉଭୟ ତଥ୍ୟ ଓ ବିଧିର ପ୍ରଶ୍ନ ଉପରେ ରାଜସ୍ୱ ବୋର୍ଡ଼ଠାରେ ଅପିଲ କରି ପାରିବେ ଯେ କି ଅଭିଲେଖ ଗୁଡ଼ିକ ମଗାଇବା ଓ ପକ୍ଷମାନଙ୍କୁ ଶୁଣାଣିର ଏକ ସୁଯୋଗ ଦେବା ପରେ, ବୋର୍ଡ଼ ଯେପରି ଉଚିତ ମନେ କରିବେ, ପ୍ରଶ୍ନଟି ଦୃଷ୍ଟାନ୍ତରେ, ସୁଦୃଢ଼ କରି ରୂପଭେଦନ କରି ବା ଓଲଟାଇ ସେପରି ଆଦେଶ ଦେଇ ପାରିବ ।

(୩) ଧାରା ୮ର ଉପଧାରା (୪) ଅଧୀନ ଏକ ଅପିଲରେ ରାଜସ୍ୱ ବୋର୍ଡ଼ ଦ୍ୱାରା ଦିଆଯାଇଥିବା ଏକ ଆଦେଶ ଦ୍ୱାରା ବ୍ୟଥିତ ଯେ କୌଣସି ବ୍ୟକ୍ତି, ସେଭଳି ଆଦେଶ ଦିଆଯିବାର ଷାଠିଏ ଦିନ ମଧ୍ୟରେ, ଉଚ୍ଚ ନ୍ୟାୟାଳୟଠାରେ ଏକ ଅପିଲ କରିପାରିବେ ।

ଆଦେଶ ଗୁଡ଼ିକର ଚୂଡ଼ାନ୍ତତା .

୧୨ । ଏହି ଅଧିନିୟମ ଅଧୀନରେ ଦିଆଯାଇଥିବା ସମସ୍ତ ଆଦେଶ, ଯଦି କୌଣସି ଅପିଲ ହୋଇଥାଏ ତାହାର ସାପେକ୍ଷରେ, ଚୂଡ଼ାନ୍ତ ହେବ ।

ପରିସୀମା ଅଧିନିୟମ, ୧୯୬୩ର ପ୍ରୟୋଗ ।

୧୩ । ପରିସୀମା ଅଧିନିୟମ, ୧୯୬୩ର ଧାରା ୪, ୫, ୧୨ ଓ ୧୪ର ଉପବନ୍ଧମାନ, ଏହି ଅଧିନିୟମ ଅଧୀନରେ ଅପିଲ ଫାଇଲ କରାଯିବାରେ ପ୍ରଯୁଜ୍ୟ ହେବ ।

ଦେୱାନୀ ନ୍ୟାୟାଳୟର କେତେକ କ୍ଷମତା କେଉଁ କେଉଁ ପ୍ରାଧିକାରୀ ପ୍ରୟୋଗ କରି ପାରିବେ ।

୧୪ । (୧) ଏହି ଅଧିନିୟମର ଉଦ୍ଦେଶ୍ୟ ଗୁଡ଼ିକପାଇଁ କଲେକ୍ଟର, ରାଜସ୍ୱ ବୋର୍ଡ଼ ଏବଂ ଧାରା ୧୦ ଓ ୧୧ରେ ନିର୍ଦ୍ଦିଷ୍ଟ ଅନ୍ୟ ପ୍ରାଧିକାରୀ ଏକ ବାଦକୁ ବିଚାର କରିବା ସମୟରେ—

(କ) ସାକ୍ଷୀମାନଙ୍କୁ ସମନ କରିବା ଓ ସେମାନଙ୍କର ହାଜର ହେବା ତଥା ସେମାନଙ୍କୁ ଶପଥ ଉପରେ ପରୀକ୍ଷା କରିବା ସମ୍ପର୍କରେ;

(ଖ) ଦସ୍ତାବେଜର ପ୍ରକଟୀକରଣ ଓ ଦାଖଲ ପାଇଁ ଆବଶ୍ୟକ କରିବା ସମ୍ପର୍କରେ;

(ଗ) ଶପଥ ପତ୍ର ଉପରେ ସାକ୍ଷ୍ୟ ଗ୍ରହଣ ସମ୍ପର୍କରେ; ଏବଂ

(ଘ) ଯେଉଁ ବିହିତ ହୋଇପାରେ ସେପରି ଅନ୍ୟ ବିଷୟ ସମ୍ପର୍କରେ

ସିଭିଲ ପ୍ରକ୍ରିୟା ସଂହିତା, ୧୯୦୮ ଅଧୀନରେ ଏକ ନ୍ୟାୟାଳୟକୁ ଯେଉଁ କ୍ଷମତାମାନ ନ୍ୟସ୍ତ ହୋଇଥାଏ ସେହି କ୍ଷମତାମାନ ଲାଭ କରିବେ ।

(୨) ଏହି ଅଧିନିୟମ ଅଧୀନ ପୂର୍ବୋକ୍ତ ପ୍ରାଧିକାରୀମାନଙ୍କ ସମକ୍ଷରେ ହୋଇଥିବା ସମସ୍ତ ତଦନ୍ତ ଓ କାର୍ଯ୍ୟବାହୀ, ଭାରତୀୟ ଦଣ୍ଡ ସଂହିତାର ଧାରା ୧୯୩, ୨୧୯ ଓ ୨୨୮ର ମର୍ମାନୁସାରେ ନ୍ୟାୟିକ କାର୍ଯ୍ୟବାହୀ ଭାବେ ବିବେଚିତ ହେବ ।

ନିୟମ ପ୍ରଣୟନ କ୍ଷମତା ।

୧୫ । (୧) ରାଜ୍ୟ ସରକାର, ଏହି ଅଧିନିୟମର ଉଦ୍ଦେଶ୍ୟ ଗୁଡ଼ିକୁ ପାଳନ କରିବା ନିମିତ୍ତ, ପୂର୍ବ ପ୍ରକାଶନ ଉତ୍ତାରୁ ନିୟମାବଳୀ ପ୍ରଣୟନ କରି ପାରିବେ ।

(୨) ବିଶେଷତଃ, ଏବଂ ପୂର୍ବଗାମୀ କ୍ଷମତାର ବ୍ୟାପକତା ପ୍ରତି ଆଞ୍ଚ ନ ଆଣି—

(କ) ଏହି ଅଧିନିୟମର ଯେ କୌଣସି ଉପବନ୍ଧ ଅଧୀନରେ କାର୍ଯ୍ୟ କରିବା ବେଳେ କଲେକ୍ଟର, ରାଜସ୍ୱ ବୋର୍ଡ ବା ଅନ୍ୟ ପ୍ରାଧିକାରୀଙ୍କ ଦ୍ୱାରା ଯେଉଁ କାର୍ଯ୍ୟବିଧି ଅନୁସୃତ ହେବାର କଥା ତାହା ନେଇ;

(ଖ) ସରକାରଙ୍କ ଅଧୀନରେ ଉପଯୁକ୍ତ ବୃତ୍ତିରେ ଗ୍ରାମପଦ ଧାରଣ କରୁଥିବା ବ୍ୟକ୍ତିଙ୍କର ନିଯୁକ୍ତି ଲାଗି ଯୋଗ୍ୟତା ଓ ଅନ୍ୟ ସର୍ତ୍ତାବଳୀ ନେଇ; ଏବଂ

(ଗ) ଅନ୍ୟ ଯେଉଁସବୁ ବିଷୟ ଏହି ଅଧିନିୟମ ଅଧୀନରେ ବିହିତ ହେବାକୁ ଆବଶ୍ୟକ ଅଟେ ବା ବିହିତ ହୋଇପାରେ ସେହି ସବୁ ବିଷୟ ନେଇ ;

ସେଭଳି ନିୟମାବଳୀ ଉପବନ୍ଧିତ କରି ପାରିବେ ।

(୩) ଏହି ଅଧିନିୟମ ଅଧୀନରେ ପ୍ରଣୀତ ସମସ୍ତ ନିୟମାବଳୀ, ପ୍ରଣୀତ ହେବା ପରେ ଯଥା ସମ୍ଭବ ଶୀଘ୍ର, ଚଉଦ ଦିନର ଏକ ମୋଟ କାଳାବଧିପାଇଁ ରାଜ୍ୟ ବିଧାନ ମଣ୍ଡଳ ସମକ୍ଷରେ ଉପସ୍ଥାପିତ କରାଯିବ, ଯେଉଁ କାଳାବଧିକି ଏକ ବା ଏକାଧିକ ସତ୍ରରେ ସମାବିଷ୍ଟ ହୋଇପାରେ, ଏବଂ ଯଦି ସେହି କାଳାବଧି ମଧ୍ୟରେ ରାଜ୍ୟ ବିଧାନ ମଣ୍ଡଳ ତହିଁରେ କୌଣସି ରୂପଭେଦନ କରେ ତାହାହେଲେ, ନିୟମାବଳୀଟି ତଦ୍ରୂପର ସେପରି ରୂପଭେଦିତ ଆକାରରେ ପ୍ରଭାବୀ ହେବ, ଅବଶ୍ୟ ସେଭଳି ରୂପଭେଦନ, ନିୟମାବଳୀ ଅଧୀନରେ ପୂର୍ବରୁ କରାଯାଇଥିବା କୌଣସି ବିଷୟ ପ୍ରତି ଆଞ୍ଚ ଆଣିବ ନାହିଁ ।

## ଅନୁସୂଚୀ

[ ଧାରା—୨ (ଙ) ଦ୍ରଷ୍ଟବ୍ୟ ]

### ଗଞ୍ଜାମ ମାଲ ଅଞ୍ଚଳ

୧ । ମୁଠା ମୁଖ୍ୟ

୨ । ଉପ-ମୁଠା ମୁଖ୍ୟ

୩ । ବଖୋସ୍ତି

୪ । ପାତ୍ର

୫ । ଉପ-ପାତ୍ର

୬ । ଦ୍ଵୋଦାଦାର

୭ । ସମସ୍ଥାନ ପାଇକ

୮ । ପାଇକ

୯ । ପେଷିକଥା

୧୦ । ବେହେରା ଦଳାଇ

୧୧ । ବଡ଼ ବେହେରା ଦଳାଇ

୧୨ । ସାନ ବେହେରା ଦଳାଇ

୧୩ । ଦଣ୍ଡ ସେଣା

୧୪ । ବଡ଼ ଦଣ୍ଡ ସେଣା

୧୫ । ସାନ ଦଣ୍ଡ ସେଣା

୧୬ । ମାଲ ଦଣ୍ଡ ସେଣା

୧୭ । ପଧାନୀ

୧୮ । ବଡ଼ ପଧାନୀ

୧୯ । ସାନ ପଧାନୀ

୨୦ । ମାଲ ପଧାନୀ

୨୧ । ବଡ଼ କୁଅଁର

୨୨ । ବଡ଼ ବଡ଼ କୁଅଁର

୨୩ । ସାନ ବଡ଼ କୁଅଁର

୨୪ । ବଡ଼ ନାଇକ

୨୫ । ବଡ଼ ବଡ଼ ନାଇକ

୨୬ । ସାନ ବଡ଼ ନାଇକ

୨୭ । ଘଡ଼େଇ

୨୮ । ଘୋଡ଼ିଆ ପାତ୍ର

୨୯ । କୋଠ ଦଳାଇ

୩୦ । ବଡ଼ ଦଳାଇ

୩୧ । ଦଳ ବେହେରା

୩୨ । ଦଳ ପତି

୩୩ । ଧର୍ମ ଦଳପତି

୩୪ । ସାନ ଦଳପତି

୩୫ । ମାଳ ଦଳପତି

୩୬ । ରାଉତ

୩୭ । ମାଝି

୩୮ । ବଡ଼ ମାଝି

୩୯ । ସାନ ମାଝି

୪୦ । ମହାରଥୀ

୪୧ । ପ୍ରଧାନ

୪୨ । ଦୋରା

୪୩ । ବଡ଼ ବକ୍ଷୋୟୀ

୪୪ । ସାନ ବକ୍ଷୋୟୀ

୪୫ । ଧାଙ୍ଗଡ଼ା ବକ୍ଷୋୟୀ

୪୬ । ମାଳ ବକ୍ଷୋୟୀ

୪୭ । ସର୍ ଦାର୍

୪୮ । ସର୍ ଦାର୍ ପ୍ରଧାନ

୪୯ । ଜଗତ ସିଙ୍ଗି

୫୦ । ଉତ୍ତମ ସିଙ୍ଗି

୫୧ । ପଞ୍ଚ ସିଙ୍ଗି

୫୨ । ଗଜେନ୍ଦ୍ର

୫୩ । ସୁନ୍ଦରାଇ

୫୪ । ରଣଦ୍ୱାଣ୍ଡ

୫୫ । ରଣଜିତ

୫୬ । ରଣଜିତ

୫୭ । ଅଶ୍ୱଶୈଲ୍ୟ

୫୮ । ବୈର ଶୈଲ୍ୟ

୫୯ । ଫାଡ଼ିଁଆ

୬୦ । କାସିଁ

୬୧ । କରଣ

୬୨ । ଦଲାଇ

୬୩ । ସାନ ଘଡ଼େଇ

୬୪ । ଅଧିକାରୀ

୬୫ । ମୁଖ୍ୟ ନାଇକ

୬୬ । ନାଇକ

## ବୌଦ ଜିଲ୍ଲା

୧ । ମୁଠା ମୁଖ୍ୟ

୨ । ଉପ-ମୁଠା ମୁଖ୍ୟ

୩ । ପାତ୍ର

୪ । ଉପ-ପାତ୍ର

୫ । ପାଇକ

୬ । କରଣ

୭ । ଗୁଣ୍ଟିଆ

୮ । କାର୍ଯି

୯ । ମଲିକ

୧୦ । ପାଦ୍ର

୧୧ । ମଝି

୧୨ । ବେହେରା

୧୩ । ସେଠିନଆ

୧୪ । ଦେଶିପାତ୍ର

୧୫ । ଦଳ ବେହେରା

୧୬ । ବୋଡ ଦଳାଇ

୧୭ । ନାଇକ

୧୮ । ଗୋଛିଡଣ

୧୯ । ଦଣ୍ଡିଅସ

୨୦ । ଉପ-ବକ୍ଷୋସ୍ତ୍ରୀ

୨୧ । ବକ୍ଷୋସ୍ତ୍ରୀ

୨୨ । ଡ୍ରଗାଲ

୨୩ । ଦଳପତ୍ତ

ଓଡ଼ିଶା ଗେଜେଟ ଅସାଧାରଣ ସଂଖ୍ୟା ୬୨୫, ତାରିଖ ୩-୬-୧୯୭୦ରେ ପ୍ରକାଶିତ ମତେ ତାରିଖ ୧-୬-୧୯୭୦ଠାରୁ ଗଞ୍ଜାମ ମାଳ ଅଞ୍ଚଳରେ ଏବଂ ବୌଦ ଜିଲ୍ଲାର ବାଲିଗୁଡ଼ା ସବଡିଭିଜନରେ ପ୍ରବୃତ୍ତ ହେଲା ।

——o——

OGP—MP-IX (Law) 28—1,000—10-5-1977

PRINTED AT ORISSA GOVERNMENT PRESS, CUTTACK-10